# ପିଲାଙ୍କ ଧରିତ୍ରୀ

ଧରିତ୍ରୀ 51 Years

ଶନିବାର, ୧୮ ଅକ୍ଟୋବର, ୨୦୨୫




# ଖିଲି ଖିଲି ହସ

ପପୁ: ଆରେ କହିଲୁ, ସାଙ୍ଗ ଦର୍ଦ୍ଦନାକର ଅର୍ଥ କ'ଣ ?
ଗପୁ: ଆରେ ସାଙ୍ଗ ଏତିକି ଜାଣିନୁ -ଦର୍ଦ୍ଦର ଅର୍ଥ ଯନ୍ତ୍ରଣା ଅର୍ଥାତ୍ ନାକର ଯନ୍ତ୍ରଣା।

ଦିବ୍ୟା: ଆରେ, ବିଦ୍ୟା କହିଲୁ ରାତିରେ କାହିଁକି ସୂର୍ଯ୍ୟ ଦେଖାଯାଆନ୍ତି ନି ?
ବିଦ୍ୟା: କାହିଁକି ନା ଦିନସାରା ସୂର୍ଯ୍ୟ ବୁଲି ବୁଲି ଥକିଯାଇଥାଆନ୍ତି। ସେଥିପାଇଁ ରାତିରେ ବିଶ୍ରାମ ନିଅନ୍ତି।

ଦୁଇଜଣ ସାଙ୍ଗ ମଧ୍ୟରେ କଥାବାର୍ତ୍ତା
ପ୍ରଥମସାଙ୍ଗ: ଜାଣିଲୁ ସାଙ୍ଗ, ଯଦି ପୃଥିବୀର ମାତା -ପିତା ଥାନ୍ତେ କ'ଣ ହୋଇଥାନ୍ତା ?
ଦ୍ୱିତୀୟସାଙ୍ଗ: ପୃଥିବୀ ଗାଳି ଶୁଣିଥାନ୍ତା !
ପ୍ରଥମସାଙ୍ଗ : କାହିଁକି ?
ଦ୍ୱିତୀୟସାଙ୍ଗ: କାରଣ ସେ ଖାଲି ଦିନରାତି ଘୁରିବୁଲୁଛି।

ଫିଲ୍ମ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ ଥିବା) ସହ ପୂରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

ଆମ ଠିକଣା
dharitrifeature@gmail.com



# ଶିଖିବାରେ ଶ୍ରେଷ୍ଠତା

## ଗପ

ଶମ୍ଭୁନାଥ ଥିଲେ ଦୁନିଆର ଜଣେ ଜଣାଶୁଣା ଶାସ୍ତ୍ର ବିଶାରଦ। ସେଥିପାଇଁ ତାଙ୍କ ମନରେ କେବେ ଗର୍ବ କି ଅହଂକାର ନ ଥିଲା। ସେ ଯେଉଁଆଡ଼େ ଯାଆନ୍ତି, ଏକା ଏକା ଯିବାକୁ ପସନ୍ଦ କରନ୍ତି। କାହା ଉପରେ ନିର୍ଭର କରିବାକୁ ପସନ୍ଦ କରନ୍ତି ନାହିଁ। ନିଜ କାମ ନିଜେ କରିବାରେ ବହୁ ଆନନ୍ଦ ମିଳେ ବୋଲି ସେ କୁହନ୍ତି। ଏହିପରି ସରଳ ଭାବ ନିମନ୍ତେ ସବୁ ଲୋକ ତାଙ୍କୁ ସମ୍ମାନ ଜଣାନ୍ତି। ଥରେ ଗୋଟେ ଆଶ୍ରମରେ ଶିକ୍ଷାଦାନ ନିମନ୍ତେ ତାଙ୍କୁ ନିମନ୍ତ୍ରଣ କରାଯାଇଥାଏ। ସେହି ଆଶ୍ରମର ନାଆଁ ଚାରିଆଡ଼େ ବିଖ୍ୟାତ। ବହୁ ସଂଖ୍ୟକ ବିଦ୍ୱାନ ପିଲା ସେଠାରେ ଶିକ୍ଷାଗ୍ରହଣ କରନ୍ତି।

ଶମ୍ଭୁନାଥ ଶ୍ରେଣୀରେ ପଢ଼ାଉଥିବାବେଳେ ଲକ୍ଷ୍ୟ କଲେ, କେତେଜଣ ପିଲା ପାଠରେ ମନ ଦେଉନାହାନ୍ତି। ସେ ମନେ ମନେ ଚିନ୍ତାକଲେ ହୁଏତ ପିଲାମାନେ ଆଗରୁ ଜାଣିଛନ୍ତି ନଚେତ୍ ଏମାନଙ୍କର ପାଠରେ ମନ ନାହିଁ। ସେହି ପିଲାମାନଙ୍କ ମଧ୍ୟରୁ ଜଣକୁ ଛିଡ଼ାକରି ପଚାରିଲେ ତୁମେମାନେ କାହିଁକି ଏପରି ଅନ୍ତବ୍ୟସ୍ତ ହୋଇଯାଉଛ। ପାଠ ଜାଣି ହେଉନି ନା ଅନ୍ୟ କିଛି।

ପ୍ରତ୍ୟୁତ୍ତରରେ ସେ ପିଲାଟି କହିଲା, ନାଇଁ ଗୁରୁଜୀ ସେପରି କିଛି ନାହିଁ। ଆମେମାନେ କଥା ହେଉଥିଲୁ କି ଗୁରୁଜୀଙ୍କୁ ଆମେ ଗୋଟେ ନୂଆ ବିଦ୍ୟା ଶିଖାଇବା ଯାହାକି ଆମେ ନିଜେ ନିଜେ ଭାବନା ଆଣିଛୁ। ହେଲେ ଆପଣଙ୍କୁ କିପରି କହିବୁ ଚିନ୍ତା କରିପାରୁ ନ ଥିଲୁ। ଆପଣ ଏତେ ବଡ଼ ଶାସ୍ତ୍ର ବିଶାରଦ। ମନରେ ଭୟ ଆସୁଥିଲା। ଶମ୍ଭୁନାଥ ହସିକରି କହିଲେ, ବହୁତ ଭଲ କଥା। ଆମେ ଆଜି ସନ୍ଧ୍ୟାରେ ସେ ବିଷୟରେ କଥା ହେବା। କିଛି ସମୟ ପରେ ଏହି କଥା ଆଶ୍ରମରେ ଖେଳିଗଲା। ପ୍ରଧାନ ଆଚାର୍ଯ୍ୟ ମନେ ମନେ ବହୁତ ରାଗିଗଲେ। ଜଣେ ଅତିଥିଙ୍କୁ ଏପରି କହିବା ଯେ କେତେ ଅପମାନଜନକ। ସେ ହେଉଛନ୍ତି ସଂସାରର ସବୁଠାରୁ ବଡ଼ ଶାସ୍ତ୍ର ବିଶାରଦ, କିନ୍ତୁ ଏମାନେ କହୁଛନ୍ତି ଆମେ ତାଙ୍କୁ ଶିକ୍ଷା ଦେବୁ।

ଭୋଜନ ସମୟରେ ଗୁରୁକୁଳର ଗୁରୁମାନଙ୍କ ସହ ଭୋଜନ କରିବାବେଳେ ପ୍ରଧାନ ଆଚାର୍ଯ୍ୟ ଶମ୍ଭୁନାଥ କହିଲେ, ମହାଶୟ ସେ ଛୋଟ ପିଲାମାନଙ୍କ ତରଫରୁ ମୁଁ ଆପଣଙ୍କୁ କ୍ଷମା ପ୍ରାର୍ଥନା କରୁଛି। ଯଦି କିଛି ଭୁଲ୍‌ରେ କହିଥିବେ ଆପଣ ତାଙ୍କ ଦୋଷକୁ କ୍ଷମାଦେବେ। ଆପଣଙ୍କୁ ଏଭଳି ଶ୍ରେଣୀ ମଧ୍ୟରେ କହିବାଟା ଠିକ୍ ହେଲାନାହିଁ। ପ୍ରଧାନ ଆଚାର୍ଯ୍ୟଙ୍କ କଥା ଶୁଣି ଶମ୍ଭୁନାଥ ହସିବାକୁ ଲାଗିଲେ। କିଏ ବା ସେମାନଙ୍କୁ ଖରାପ ଭାବୁଛି। ଆପଣ ମନେରଖନ୍ତୁ ସମସ୍ତେ ସବୁବେଳେ କିଛି ନା କିଛି ଶିକ୍ଷାଲାଭ କରିଥାନ୍ତି। ସେ ବୟସରେ ବଡ଼ଙ୍କ ପାଖରୁ ହୋଇପାରେ ନଚେତ୍ ସାନ ପାଖରୁ। ମୋର ସବୁକିଛି ଶିକ୍ଷା ସମାପ୍ତ ହୋଇଯାଇଛି ବୋଲି ଆପଣଙ୍କୁ କିଏ କହିଲା। ମୋ ଗୁରୁ କହିଛନ୍ତି, ଯେତେ ଉପରକୁ ଗଲେ ମଧ୍ୟ ଅନ୍ୟଠାରୁ କିଛି ନୂତନ ଶିଖିବା ହିଁ ଶ୍ରେଷ୍ଠତାର ପରିଚୟ।

- ଅର୍ଜୁନ ଦାସ
ମାଧବ, ନିଆଳି, କଟକ
ମୋ: ୭୭୩୫୯୫୭୧୫୧

# ବୈଜ୍ଞାନିକ ହେବାକୁ ଲକ୍ଷ୍ୟ ରଖିଛି

## ଶିଶୁ ପ୍ରତିଭା

### ଆୟୁଷ୍ମାନ ମହାନ୍ତି



ପାଠପଢ଼ା ସହ ନିଜକୁ ଅନ୍ୟ କ୍ଷେତ୍ରରେ ପରିଚିତ କରିବାରେ ସକ୍ଷମ ହୋଇଛନ୍ତି ସେ। ବର୍ତ୍ତମାନ ପୁରୀସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟର ଦଶମ ଶ୍ରେଣୀରେ ପଢୁଥିବା ଏହି ଛାତ୍ର ଚେସ୍ ଖେଳରେ ସଫଳତା ସାଉଁଟି ଚାଲିଛନ୍ତି। ସେ ହେଲେ ପୁରୀର ଅଭୟାରଣ୍ୟ ରାଉତରାୟ ଏବଂ ବିଶ୍ୱଜିତ ମହାନ୍ତିଙ୍କର ପୁତ୍ର ଆୟୁଷ୍ମାନ ମହାନ୍ତି। ସେ କେବଳ ସ୍କୁଲ କିମ୍ବା ରାଜ୍ୟସ୍ତରରେ ନୁହେଁ, ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ଭାଗ ନେଇ ପୁରସ୍କୃତ ହୋଇଛନ୍ତି। ନିଜର ଏହି ଯାତ୍ରା ବିଷୟରେ ସେ କହନ୍ତି, "୨୦୧୫ରୁ ମୁଁ ଚେସ୍ ଖେଳି ଆସୁଅଛି। ପ୍ରନେୟା ପଟ୍ଟନାୟକ, ସୁବାସ ସାହୁ ଏବଂ ରାଜେଶ ନାୟକଙ୍କ ନିକଟରୁ ପ୍ରଶିକ୍ଷଣ ନେଇଛି। ୨୦୧୮ରେ ଜାତୀୟ ସାତ ବର୍ଷରୁ କମ୍ ଚେସ୍ ଚାମ୍ପିୟନଶିପ୍‌ରେ ବ୍ରୋଞ୍ଜ ପଦକ ହାସଲ କରିବା ପରେ ସେହି ବର୍ଷ ରାଜ୍ୟସ୍ତରୀୟ ଚେସ୍ ପ୍ରତିଯୋଗିତାରେ ମଧ୍ୟ ଚାମ୍ପିୟନ ହୋଇଥିଲି। ତା'ପରେ ଏହାକୁ କ୍ୟାରିୟର କରିବାକୁ ନିଷ୍ପତ୍ତି ନେଇଥିଲି। ଗତ ୭ ବର୍ଷ ମଧ୍ୟରେ ଯେତିକି ସଫଳତା ପାଇଛି ତାହା ମୋତେ ଆଗକୁ ଆଗେଇବାରେ ପ୍ରେରଣା ଯୋଗାଇଛି। ପ୍ରତିଦିନ ଯେମିତି ହେଲେ କିଛି ସମୟ ଚେସ୍ ପ୍ରାକ୍ଟିସ୍ କରେ। ଏହାସହ ପାଠପଢ଼ାକୁ ମୁଁ ଆଦୌ ଅବହେଳା କରି ନ ଥାଏ। ଭବିଷ୍ୟତରେ ଜଣେ ବୈଜ୍ଞାନିକ ହେବାକୁ ମୁଁ ଆଶା ରଖିଛି।" ଏ ପର୍ଯ୍ୟନ୍ତ ସେ ଅଂଶଗ୍ରହଣ କରିଥିବା ପ୍ରମୁଖ ଚେସ୍ ପ୍ରତିଯୋଗିତା ମଧ୍ୟରେ ରହିଛି- ନଅ ବର୍ଷରୁ କମ୍ ରାଜ୍ୟ ଚେସ୍ ଚାମ୍ପିୟନଶିପ-୨୦୧୯ (ରନର୍ସଅପ), ଦଶ ବର୍ଷରୁ କମ୍ ରାଜ୍ୟ ଚେସ୍ ଚାମ୍ପିୟନଶିପ-୨୦୨୧ (ରନର୍ସଅପ), ରାଜ୍ୟ ୧୨ବର୍ଷ, ୧୩ ବର୍ଷରୁ କମ୍ ଚାମ୍ପିୟନଶିପ (ରନର୍ସଅପ) ଏବଂ ୧୭ ବର୍ଷରୁ କମ୍ ରାଜ୍ୟ ଚେସ୍ ଚାମ୍ପିୟନଶିପ (ଚାମ୍ପିୟନ)। ଏହାବ୍ୟତୀତ ସେ ଗତବର୍ଷ କେଭିଏସ୍ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ଚାମ୍ପିୟନ ଏବଂ ଚଳିତ ବର୍ଷ କେଭିଏସ ଜାତୀୟ ଚେସ୍ ଚାମ୍ପିୟନଶିପ୍‌ରେ ରନର୍ସଅପ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ନିକଟରେ ସେ ଜାତୀୟ ସ୍ତରରେ ଏସ୍‌ଜିଏଫ୍‌ଆଇ (ସ୍କୁଲ ଗେମ୍ସ ଫେଡେରେଶନ୍ ଅଫ୍ ଇଣ୍ଡିଆ) ଖେଳିବାକୁ ମନୋନୀତ ହୋଇଛନ୍ତି।

# ମତାମତ

▸▸ କିପରି ପିଲାମାନେ ନିଜର ବୁଦ୍ଧିମତ୍ତା ବଢ଼ାଇବେ ସେ ସମ୍ପର୍କରେ ପାଠଟି ନିହାତି ଶିକ୍ଷଣୀୟ ଥିଲା।

-ଅଭିଲାଷ ସାହୁ, ରାଜକନିକା, କେନ୍ଦ୍ରାପଡ଼ା

▸▸ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହେବା ସହ କହିଲ ଦେଖି ପଢ଼ିବାକୁ ଭଲଲାଗେ।

-ରଞ୍ଜନ ମଲ୍ଲିକ୍, ରାୟଗଡ଼ା


▸▸ 'ବୁଦ୍ଧିରେ ବଡ଼ ' ଗଳ୍ପଟିରୁ ଦୁଇସାଙ୍ଗ କିପରି ସାହସ ଦେଖାଇ ପରିବେଶ ପାଇଁ କାମକରି ଅନ୍ୟମାନଙ୍କ ପ୍ରଶଂସାର ପ୍ରିୟପାତ୍ର ହେଲେ ତାହା ଜାଣିବାକୁ ମିଳିଲା। ଏହା ନିହାତି ଭାବେ ପିଲାଙ୍କ ଲାଗି ପ୍ରେରଣାର ଉତ୍ସ ହୋଇପାରିବ।

- ସୁହାନୀ ନାୟକ, ଢେଙ୍କାନାଳ

## ରଙ୍ଗ ଦିଅ



# ଇକୋଫ୍ରେଣ୍ଡ୍‌ଲି ଦୀପାବଳି



**ଆଗକୁ ଆସୁଛି ଦୀପାବଳି। ପିଲାମାନେ ଦୀପ ଲଗାଇ ବାଣ ଫୁଟାଇ ଏହି ଦିନକୁ ଖୁସିରେ ମନାଇବାର ଇଚ୍ଛା ରଖିଥାନ୍ତି। ହେଲେ ପରିବେଶ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଏବେ ଇକୋଫ୍ରେଣ୍ଡ୍‌ଲି ଦୀପାବଳିକୁ ଆପଣେଇବାର ସମୟ ଆସିଛି।**

ଇକୋଫ୍ରେଣ୍ଡ୍‌ଲି ଦୀପାବଳିର ଅର୍ଥ ହେଉଛି ଯାହା ପରିବେଶ ଅନୁକୂଳ। ଅର୍ଥାତ୍ ଯେଉଁଥିରେ ପରିବେଶ ପ୍ରଦୂଷଣ ହୋଇ ନ ଥାଏ। ସାଧାରଣତଃ ବାଣ ଫୁଟାଇଲେ ସେଥିରୁ ପ୍ରଚୁର ମାତ୍ରାରେ ବିଷାକ୍ତ ଧୂଆଁ ଓ ଶବ୍ଦ ବାହାରିଥାଏ ଯାହା ବାୟୁ ତଥା ଶବ୍ଦ ପ୍ରଦୂଷଣ କରିଥାଏ। ତେଣୁ ବର୍ତ୍ତମାନର ଆହ୍ୱାନ ଅନୁସାରେ ଇକୋଫ୍ରେଣ୍ଡ୍‌ଲି ଦୀପାବଳି ପାଳନ କରିବା ଜରୁରୀ। ଏଥିରେ ଆପଣମାନେ ସବୁଠୁ କମ୍ ପରିମାଣର ବାଣ ବ୍ୟବହାର କରିବେ ଯେଉଁଥିରୁ ଖୁବ୍ କମ୍ ପରିମାଣରେ ଧୂଆଁ ବାହାରୁଥିବ। ଏହା ବ୍ୟତୀତ ବିଭିନ୍ନ ପ୍ରକାରର ପ୍ରାକୃତିକ ସାମଗ୍ରୀରେ ଘର ବାହାର ସବୁ ଅଧିକ ସାଜସଜ୍ଜା କରିବେ। ଦୀପ ଓ ମହମବତି ଜଳାଇବା, ଘର ତିଆରି ବିଭିନ୍ନ ପ୍ରକାର ପିଠା, ମିଠା ଆଦି ଖାଦ୍ୟ ଖାଇବା, ନୂଆ ଡ୍ରେସ ପିନ୍ଧିବା ଆଦି ବିଭିନ୍ନ ମାଧ୍ୟମରେ ଇକୋଫ୍ରେଣ୍ଡଲି ଦିପାବଳୀ ପାଳନ କରିହେବ। ଏହି ଉଦ୍ଦେଶ୍ୟରେ ବଜାରରେ ଏବେ ଗ୍ରୀନ୍ ବାଣ ମଧ୍ୟ ଉପଲବ୍ଧ ହେଉଛି।

## କେବେଠୁ ଆରମ୍ଭ !

ବାୟୁ ପ୍ରଦୂଷଣ ବଢୁଥିବାକୁ ଲକ୍ଷ୍ୟକରି ୨୦୦୦ ମସିହା ବେଳକୁ ଇକୋଫ୍ରେଣ୍ଡଲି ଦୀପାବଳି ଅଭିଯାନ ଆରମ୍ଭ ହୋଇଥିଲା। ବାୟୁ ପ୍ରଦୂଷଣ ଯୋଗୁ ଦେଶର ବିଭିନ୍ନ ରାଜ୍ୟରେ ଲୋକଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସମସ୍ୟା ଦେଖାଗଲା। ଏହାକୁ ଲକ୍ଷ୍ୟକରି ବିଭିନ୍ନ ଅନୁଷ୍ଠାନ, ପରିବେଶବିତ୍ ତଥା ଛାତ୍ରୀଛାତ୍ରମାନଙ୍କ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଉତ୍ସବ ପାଳନ ସମୟରେ ପ୍ରଦୂଷଣ କମ୍ କରିବାର ଆହ୍ୱାନ ଦିଆଯାଇଥିଲା। ଏହାପରେ ଧୀରେ ଧୀରେ ଗ୍ରୀନ୍ ବାଣର ଉତ୍ପତ୍ତି ହୋଇଥିଲା ଓ ଲୋକେ ଏହାର ଆବଶ୍ୟକତାକୁ ଅନୁଭବ କରିଥିଲେ।

## ଜାଣି ରଖନ୍ତୁ

- ଇକୋଫ୍ରେଣ୍ଡଲି ଦୀପାବଳି ପାଳନକରି ଆନନ୍ଦର ଏକ ପରିବେଶ ସୃଷ୍ଟିକରନ୍ତୁ ଓ ଅନ୍ୟମାନଙ୍କ ଉଦ୍ଦେଶ୍ୟରେ ସଚେତନତା ସୃଷ୍ଟିକରନ୍ତୁ। ଏଥିପାଇଁ ଇକୋଫ୍ରେଣ୍ଡଲି ଦୀପାବଳିକୁ ନେଇ ବିଭିନ୍ନ ପ୍ରକାର ପୋଷ୍ଟର ବ୍ୟାନର ତିଆରି କରି ଘରେ ଲଗାନ୍ତୁ।
- ଇକୋଫ୍ରେଣ୍ଡଲି ଦୀପାବଳିରେ ମାଟି ତିଆରି ଦୀପ ବ୍ୟବହାର କରନ୍ତୁ। ବିଭିନ୍ନ ପ୍ରକାର ଫୁଲରେ ସଜାନ୍ତୁ।
- ବିଭିନ୍ନ ପ୍ରକାର ସୋଲାର ଲାଇଟ୍ ଓ ରିସାଇକଲ୍ ପେପର ତିଆରି ଲାଇଟ୍‌ରେ ଘର ସଜାନ୍ତୁ। ପ୍ରାକୃତିକ ରଙ୍ଗ ଓ ଫୁଲରେ ସୁନ୍ଦର ଡିଜାଇନର ରଙ୍ଗୋଲି ପକାନ୍ତୁ।
- ହାତତିଆରି କ୍ରାଫ୍ଟ, ଅର୍ଗାନିକ ମିଠା ଓ ଗଛ ଉପହାର ଦିଅନ୍ତୁ।
- ଅଧିକ ଶବ୍ଦ ଓ ଧୂଆଁ ସୃଷ୍ଟିକରୁଥିବା ବାଣ ବ୍ୟବହାର କରନ୍ତୁ ନାହିଁ। ଏ କ୍ଷେତ୍ରରେ ଗ୍ରୀନ୍ ବାଣ ବ୍ୟବହାର କରନ୍ତୁ ଯାହା ପରିବେଶ ନିମନ୍ତେ ଅନୁକୂଳ ହୋଇଥାଏ।
- ବିଭିନ୍ନ ପ୍ରକାର ପାରମ୍ପରିକ ଖେଳ, ଗୀତ, ନାଚ ଓ ଗପ ମାଧ୍ୟମରେ ଏକାଠି ହୋଇ ଦୀପାବଳି ଉତ୍ସବ ମନାନ୍ତୁ। ସାଙ୍ଗମାନଙ୍କୁ ନେଇ ବିଭିନ୍ନ ପ୍ରକାର ନାଟକ ମାଧ୍ୟମରେ ଅଭିନୟକରି ଅନ୍ୟମାନଙ୍କୁ ପରିବେଶ ପ୍ରଦୂଷଣ ନେଇ ସଚେତନତାର ବାର୍ତ୍ତା ଦିଅନ୍ତୁ।
- ସାଧାରଣ ମହମବତି ବଦଳରେ ପ୍ରାକୃତିକ ପଦାର୍ଥରେ ତିଆରି ହୋଇଥିବା ମହମବତି ବ୍ୟବହାର କରନ୍ତୁ, ଯାହା ଏକ ସୁନ୍ଦର ସୁଗନ୍ଧ ମଧ୍ୟ ଦେଇଥାଏ।

## ଏମାନେ କ'ଣ କରନ୍ତି

### ନୂଆ ଡ୍ରେସ୍ ପିନ୍ଧି ବୁଲିବାକୁ ଯିବି

ଦୀପାବଳିରେ କୌଣସି ପ୍ରକାର ବାଣ ଫୁଟାଇବାକୁ ମତେ ଭଲ ଲାଗେନି। ସୁନ୍ଦର ଡିଜାଇନରେ ରଙ୍ଗୋଲି କରି ଦୀପ ଓ ମହମବତି ସଜାଇବାକୁ ବହୁତ ଭଲ ଲାଗେ। ବାଣ ଫୁଟିଲେ ମତେ ଡର ଲାଗେ। ସେଥିପାଇଁ ଦୀପାବଳିରେ ସନ୍ଧ୍ୟା ହେଲେ ମୁଁ ଆଦୌ ଘର ବାହାରକୁ ବାହାରେ ନାହିଁ। ତା' ଛଡା ସ୍କୁଲରେ ଆମ ସାର୍ କହିଛନ୍ତି, ବାଣ ଫୁଟାଇଲେ ପରିବେଶ ଦୂଷିତ ହେବ। ତେଣୁ କେହି ବି ବାଣ ଫୁଟାଇବା ଉଚିତ ନୁହେଁ। ସବୁ ଥର ପରି ଏଥର ବି ମୁଁ ବାଣ ଫୁଟାଇବି ନାହିଁ କି ବାବାଙ୍କୁ ବାଣ କିଣିବା ପାଇଁ କହିନାହିଁ। ହେଲେ ମୋ ସାନଭଉଣୀ ଝୁରଝୁରିଆ ଓ ଧପଧପି ବାଣ କିଣିବା ପାଇଁ ବାବାଙ୍କୁ କହିଛି। କିନ୍ତୁ ସେଇ ସବୁ ବାଣ ବି ପରିବେଶ ପାଇଁ ଖରାପ ବୋଲି ତାକୁ ବୁଝାଇ ଦେଇଛି। ଆମେ ଦୁଇ ଭଉଣୀ ଦୀପାବଳି ଦିନ ନୂଆ ଡ୍ରେସ୍ ପିନ୍ଧିବୁ ଆଉ ମାମୁଘରକୁ ବୁଲିବାକୁ ଯିବୁ। ସେଠି ମାମୁଙ୍କ ପୁଅ ସହ ଦୀପାବଳି ପାଳନକରି ପୁଣି ଘରକୁ ଫେରି ଆସିବୁ।



**– ସୌମ୍ୟା ପ୍ରିୟଦର୍ଶିନୀ ବେହେରା**
କ୍ଲାସ୍– ୫, କଳିଙ୍ଗ ଇଣ୍ଟରନ୍ୟାସନାଲ ସ୍କୁଲ,
ଚକେଇସିହାଣୀ, ଭୁବନେଶ୍ୱର

### କାକରା ପିଠା ଖାଇବି

ଦୀପାବଳି ତ ଏକ ସୁନ୍ଦର ପର୍ବ। ସମସ୍ତଙ୍କ ଘର ସୁନ୍ଦର ଭାବରେ ସଜାହୋଇଥାଏ ବୋଲି ମତେ ଦେଖିବାକୁ ବହୁତ ଭଲ ଲାଗେ। ଆଉ ଏଇ ପର୍ବର ମୁଖ୍ୟ ଆକର୍ଷଣ ହେଉଛି ବାଣ ଫୁଟାଇବା। ତେଣୁ ଏଥର ଦୀପାବଳି ଦିନ ମୁଁ ବି ଘରକୁ ସଜାଇବା ପାଇଁ ମାମାକୁ ସାହାଯ୍ୟ କରିବି। ସିଏ ବହୁତ ସୁନ୍ଦର ରଙ୍ଗୋଲି ପକାଏ ଆଉ ଘରକୁ ଦୀପ ଓ ମହମବତିରେ ସଜାଏ। ସନ୍ଧ୍ୟା ବେଳେ ଆମ ଘର ସୁନ୍ଦର ଡିଜାଇନ ଆଲୁଅରେ ସଜା ହୋଇଥାଏ। ସବୁବର୍ଷ ଭଳି ଏଥର ବଡ଼ବଡୁଆ ଡକାହେଲେ ମୁଁ ବି କାଉଁରିଆକାଠି ଧରିବି। ଆଉ ତା'ପରେ ଘରେ ସମସ୍ତେ ସେଇଠି ବିଭିନ୍ନ ପ୍ରକାର ବାଣ ଫୁଟାନ୍ତି। ମତେ ଦେଖିବାକୁ ଭଲ ଲାଗେ, ହେଲେ ଏଥର କେବଳ ଗ୍ରୀନ୍ ବାଣ ଆଣିବା ପାଇଁ ବାବାଙ୍କୁ କହିଛି। ପରିବେଶ ଦୂଷିତ ହେଉଥିବାରୁ ବାବା ବି ବାଣ ଆଣିବେ ନାହିଁ ବୋଲି ମନା କରୁଥିଲେ। କିନ୍ତୁ ଅଳ୍ପ କିଛି ଗ୍ରୀନ୍ ବାଣ ଆଣିବେ ବୋଲି କହିଛନ୍ତି। ତେଣୁ ସିଏ ଯଦି ଗ୍ରୀନ୍ ବାଣ ଆଣିବେ ତା'ହେଲେ ଅଳ୍ପ କିଛି ବାଣ ଫୁଟାଇବି। ଏସବୁ ବାଦ୍ ନୂଆ ଡ୍ରେସ୍ ତ ପିନ୍ଧିବି ଆଉ ଘରେ ସେଦିନ ମୋ ଫେଭରିଟ୍ କାକରା ପିଠା ହେବ, ଖାଇବି।



**– ସାଇ ଶାଶ୍ୱତ ବେହେରା**
କ୍ଲାସ୍– ୭, ନ୍ୟୁ ଇଣ୍ଡିଆ ପବ୍ଲିକ୍ ସ୍କୁଲ, ଗୋପାଳପୁର, କଟକ



# ତୁମ ତୂଳୀରୁ







୧





୨




୩




୪



୫



୬



୭



**ସୁଭାଷିନୀ ହାଁସଦା**
କ୍ଲାସ- ୭, ସରକାରୀ ଏସ୍‌ଏସ୍‌ଡି ଗାର୍ଲସ ହାଇସ୍କୁଲ, ବହୁବନ୍ଧ, ଉଦଳା, ମୟୂରଭଞ୍ଜ

୧

**ଶ୍ରେୟାଂଶୁ ରାଉତରାୟ**
କ୍ଲାସ- ୟୁକେଜି, ବିଜେଇଏମ୍-୧ ସ୍କୁଲ, ଭୁବନେଶ୍ୱର



୨



**ଆଦ୍ୟା ତ୍ରିପାଠୀ**
କ୍ଲାସ- ୪, ସେଣ୍ଟ ଯୋଶେଫ ହାଇସ୍କୁଲ, ୟୁନିଟ-୯, ଭୁବନେଶ୍ୱର

୩

**ସାଫିଆ ବେଗମ୍**
କ୍ଲାସ- ୩, ସେଣ୍ଟ ଜାଭିଅର ହାଇସ୍କୁଲ, ସୁନ୍ଦରପଦା, ଭୁବନେଶ୍ୱର



୪



**ଆୟୁଷ ମିଶ୍ର**
କ୍ଲାସ- ୯, ବିଜେଇଏମ୍ ସ୍କୁଲ-୧, ବିଜେବି ନଗର, ଭୁବନେଶ୍ୱର

୫

**ପରମାର୍ଥ ସିଂହ**
କ୍ଲାସ- ୧, ସାଇ ଇଣ୍ଟରନ୍ୟାସନାଲ ସ୍କୁଲ, ଭୁବନେଶ୍ୱର



୬



**ନିବେଦିତା ସେଠୀ**
କ୍ଲାସ-୩, ସେଣ୍ଟ ଜାଭିଅର ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା

୭



## ଜ୍ଞାନର ଦୀପ ଜଳାଇଦେବା

ଶୀତ ପରଶେ ଆସେ ହରଷେ
ପରବ ଦୀପାବଳି ,
ଭକତି ମନେ ଜଳାଇଦେବା
ଦୀପ ଭଳିକି ଭଳି ।
ସେ ଦୀପମାଳା କରିବ ଦୂର
ଅନ୍ଧାର ଅଛି ଯେତେ,
ଏଇ ମାଟିରେ ଚମକିଯିବ
ନୂଆ ଆଲୋକ କେତେ ।
ବାଣ, ରୋଶଣି ଜାଳିବା ନାହିଁ
ରହିବା ତା'ଠୁଁ ଦୂର,
ନୋହିଲେ ଆମ ପରିବେଶଟି
ହୋଇବ ଛାରଖାର ।
କାଳୀ ରୂପରେ ନାଶିବେ ମାଆ
ଯେତେ ଅସନା ମନ,
ସତ୍ ଚିନ୍ତନ ସତ କରମ
ମଣିବା ଆମ ଧନ ।
କୋଟିଏ ଦୀପ ସଜାଇ କେହି
ଜଗତ ହିତେ ନ ପାରେ ଯାଇ
ଭଲ ପଥଟି ପାଇଁ ,
ଜ୍ଞାନର ଦୀପ ଜଳାଇ ଦେଲେ
ବିଭୁଙ୍କ ପାଦେ ଲୟ ରଖିଲେ
ଅଜ୍ଞାନ ଦୂର ହୋଇ ।

**– ଅନନ୍ତ କୁମାର ସେନାପତି**
ବାଣ୍ଡୁପଡ଼ା, ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୭୩୦୪୨୨୫

## ଅଜ୍ଞାନତା ଯିବ ଜଳି

ଘର ଅଗଣାରେ ମାଟି ଦୀପ ଜାଳି
ରଖିବା ଧାଡ଼ିକି ଧାଡ଼ି
ଧରଣୀ ବକ୍ଷରୁ ଅନ୍ଧାର ହଟିବ
ଆଲୁଅ ଆସିବ ମାଡି
ଏଇ ଅବସରେ ଦୀପଶିଖା ଧାରେ
ଅଜ୍ଞାନତା ଯିବ ଜଳି
ସବୁରି ହୃଦୟେ ଜ୍ଞାନ ସୁଧାରସ
ଢାଳିଦେବେ ଶ୍ୟାମାକାଳୀ
ଭକ୍ତିରେ ପୂଜିବା ଦେବୀ କମଳାଙ୍କୁ
ମନାସିବା ହାତ ଯୋଡି
ପାଦତଳେ ତାଙ୍କ ଗୁହାରି କରିବା
ଦରିଦ୍ରତା ଯାଉ ଛାଡି
ସେଦିନକୁ ଆଜି ସ୍ମରଣ କରିବା
ବିଜୟର ଦୀପ ଜାଳି
ରାବଣକୁ ମାରି ଫେରିଥିଲେ ରାମ
ଯିବାନି କେବେହେଁ ଭୁଲି
ଏକତା ସୂତ୍ରରେ ବାନ୍ଧି ରଖି ଥାଇ
ଆମ ପର୍ବ ଦୀପାବଳୀ
ଆସ ସାଙ୍ଗସାଥୀ ରୋଶଣି ଜାଳିବା
ସଭିଏଁ ଏକାଠି ମିଳି

**– ସୁହଂସ ଭୋଇ**
ପହଣ୍ଡି, ବିଜେପୁର, ବରଗଡ଼
ମୋ: ୯୪୩୭୫୨୨୪୫୫

## ଆଲୋକର ପରବ

ଆଲୋକ ଆନନ୍ଦର ପରବ
ସାରା ଦେଶର ଖୁସି ଉତ୍ସାହ ।
ତ୍ରେତୟା ଯୁଗର କାହାଣୀ
ଶୁଭ ଦିନ ବିଜୟା ଦଶମୀ
ଶ୍ରୀରାମ ହସ୍ତେ ରାବଣ ହତ
ଅଯୋଧ୍ୟା ଫେରିଲେ ସୀତା ସହିତ ।
ଚଉଦ ବରଷ ପ୍ରତୀକ୍ଷା ଅନ୍ତ
ଦୀପ ଜାଳି କରିଥିଲେ ସ୍ୱାଗତ
ସେହିଦିନୁ ପାଳୁଛୁ ଦୀପାବଳି
ଗର୍ବ କରୁ ଆମେ ଭାରତବାସୀ ।
ଆମ ପରମ୍ପରା ସଂସ୍କୃତି ନେଇ
ଅନ୍ଧାର ସବୁ ଦେବା ଦୂରେଇ ।
ଦୀପାବଳି ପରବ ନିଆରା
ସବୁଠି ଖୁସିର ପତିଆରା
ସାରା ଦେଶ ପାଳଇ ଉତ୍ସବ
ଆମ ଦେଶ ଏକ ପରିବାର
ଦୁଃଖ ସୁଖରେ ଆମେ ଭାଗୀଦାରି
ପରବ ବିନା ଦେଶ ହତଶିରୀ ।

**– ଚିତ୍ତରଞ୍ଜନ ମହାନ୍ତି**
ରାଣୀତାଲ, ଭଦ୍ରକ
ମୋ: ୯୪୩୮୬୭୦୧୫୦

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ



### ପଛୁଆ ସ୍କେଟିଂ


ସ୍କେଟିଂରେ ଚାଲିବା ଏମିତିରେ ଏକ କଷ୍ଟସାଧ୍ୟ କାମ । ସେଥିପାଇଁ ତ ଢେର ଦିନ ଅଭ୍ୟାସ କରିବା ପରେ ହିଁ ଜଣେ ସ୍କେଟିଂ କରିପାରେ । କିନ୍ତୁ ବାରମ୍ବାର ଅଭ୍ୟାସ କରିବା ପରେ ସ୍କେଟିଂରେ ପଛୁଆ ଚାଲିବା ମଧ୍ୟ କେତେକଙ୍କ ପାଇଁ ବେଶ୍ ସହଜ ହୋଇଥାଏ । ଠିକ୍ ଏମିତି ଏକ କାମ କରି ଦେଖାଇଛନ୍ତି କର୍ନାଟକର ଜଣେ ବ୍ୟକ୍ତି । କର୍ନାଟକର ବେଲଗମ୍ ଠାରେ ଥିବା ଶିବଗଙ୍ଗା ଆରଏସ୍‌ସି (ରୋଲର ସ୍କେଟିଂ କ୍ଲବ)ର ଜଣେ ସଦସ୍ୟ ଏଭଳି ପଛୁଆ ସ୍କେଟିଂ କରି ତାଙ୍କ କ୍ଲବର ନାଁକୁ ଗିନିଜ୍ ରେକର୍ଡରେ ସ୍ଥାନ ଦେଇଛନ୍ତି । କ୍ଲବର ଏହି ସଦସ୍ୟ ଜଣକ ଦ୍ରୁତତମ ପଛୁଆ ସ୍କେଟିଂ କରି ରେକର୍ଡ କରିଛନ୍ତି । ମାତ୍ର ୧୪.୮୪ ସେକେଣ୍ଡରେ ସେ ୧୦୦ ମିଟର ପଛୁଆ ସ୍କେଟିଂ କରି ପାରିଛନ୍ତି । ଏତେ କମ୍ ସମୟ ମଧ୍ୟରେ ସେ ପଛୁଆ ସ୍କେଟିଂ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରି ଦେଇଛନ୍ତି । ପଛୁଆ ପୁଣି ଏତେ ଦ୍ରୁତ ଗତିରେ ସେ ସ୍କେଟିଂ କରୁଛନ୍ତି ତାହା ଦେଖିଲେ ଆଶ୍ଚର୍ଯ୍ୟ ଲାଗୁଛି । ଗତ ମେ ମାସରେ ସେ ଏହି ରେକର୍ଡ କରିଥିଲେ । ୨୦୨୪ ମେ ମାସରେ ସେ ଏହି ସଫଳତା ହାସଲ କରିଥିଲେ ।

## ଏଥର ର

- କେଉଁ ମସିହାରେ ଟାଇଟାନିକ୍ ଜାହାଜ ବୁଡ଼ିଯାଇଥିଲା ?
- ପ୍ରଥମ ମାନବକୃତ ସାଟେଲାଇଟ୍ ?
- ଦି ଗ୍ରେଟ୍ ୱାଲ୍ ଅଫ୍ ଚାଇନା କେଉଁ ରାଜବଂଶ ସମୟରେ ପ୍ରଥମେ ନିର୍ମାଣ ହୋଇଥିଲା ?
- ବର୍ଲିନ୍ ୱାଲ୍ କେବେ ଭାଙ୍ଗିଥିଲା ?
- କେଉଁ ଦେଶରେ ଶିଳ୍ପ ବିପ୍ଳବ ଆରମ୍ଭ ହୋଇଥିଲା ?

## ଗତ ଥର ର ଉତ୍ତର

- କାନାଡା
- ଦକ୍ଷିଣ ଆମେରିକା
- କନ୍‌ବେରିଆ
- ରୋମ୍
- ଆଲ୍‌ଜେରିଆ



## କହିଲ ଦେଖି

କେଶବ ନୁହେଁ କି କୋଇଲି ନୁହେଁ
ମାସର ପ୍ରଥମ ଅକ୍ଷର 'କ'
କନକ ନୁହେଁ କି କଟକ ନୁହେଁ
ମାସର ଶେଷ ଅକ୍ଷର 'କ'
ହେମନ୍ତ ଋତୁର ପ୍ରଥମ ମାସ
ଆଶ୍ୱିନ ସରିଲେ ହୁଏ ପ୍ରବେଶ
ଓଡ଼ିଶାକୁ ଭଲ ପାଉଛି ଯିଏ
ନାଆଁଟି ତାହାର କହିବ ସିଏ ।

**ଉତ୍ତର : କାର୍ତ୍ତିକ**



ମାଆ ଆସୁଛନ୍ତି କାର୍ତ୍ତିକ ମାସରେ
ଭୟଙ୍କର ରୂପ ଧରି
ନରମୁଣ୍ଡ ମାଳ ଗଳାରେ ତାଙ୍କର
ଦେଖି ଛାତି ଯାଏ ଥରି
କଳାରଙ୍ଗ ଦେହ ଲହଲହ ଜିହ୍ୱା
ମୁଣ୍ଡରେ ମୁକୁଳା କେଶ
ଭାବ ଭକତିରେ ମାଆକୁ ପୂଜିଲେ
ଦୁଃଖ ହୋଇଥାଏ ଶେଷ
ଫୁଲ ଗଉଣୀ
ମାଆ ନାଆଁ ଗୋଟି କହିଦେବ ଯିଏ
ପିଇବ ନଡ଼ିଆ ପାଣି ।

**ଉତ୍ତର : କାଳୀ**



ସାଙ୍ଗରେ ସାଙ୍ଗ
ପଚାରେ ତୋତେ
ପରବ ନାଆଁଟି କହିବୁ ମୋତେ
ଘରେ ଘରେ ଦୀପ ଜଳେ
ଢୋ ଢା ବାଣ ଫୁଟେ
ପିଠାର ମହକ ଛୁଟେ
ସଠିକ ଉତ୍ତର କହିଦେଲେ ସାଙ୍ଗ
କାଳୀ ମା' ଆଶିଷ ପାଇବୁ ଯାହାକୁ ଯେତେ ।

**ଉତ୍ତର : ଦୀପାବଳି**



**– ଜଗଦୀଶ ସାହୁ**
ସଞ୍ଜୀପଡ଼ା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

# ଦୀପାବଳି ସତର୍କତା



**ଆଗକୁ ଆସୁଛି ଦୀପାବଳି । ବାଣ ଫୁଟାଇବା ସମୟରେ ପିଲାମାନେ କିପରି ନିଜକୁ ସୁରକ୍ଷିତ ରଖିବେ ସେ ବିଷୟରେ କେତୋଟି ଟିପ୍ସ...**



**ବାଣ ଏବଂ ନିଆଁରୁ ରକ୍ଷା**

ବାଣଠାରୁ ଦୂରେଇ ସୁରକ୍ଷିତ ସ୍ଥାନରେ ଠିଆ ହୁଅନ୍ତୁ। ଦିଆସିଲି ବା ଲାଇଟର ସାହାଯ୍ୟରେ ବାଣରେ ନିଆଁ ଲଗାନ୍ତୁ ନାହିଁ। ବାଣ ଫୁଟାଇବା ସମୟରେ ତାକୁ ହାତରେ ନ ଧରି ତଳେ ଥୋଇ କାଉଁରିଆକାଠି ସାହାଯ୍ୟରେ ବାଣରେ ନିଆଁ ଲଗାନ୍ତୁ। ସବୁବେଳେ ଖୋଲା ସ୍ଥାନରେ ବାଣ ଫୁଟାନ୍ତୁ। ସିନ୍ଥେଟିକ୍ କପଡ଼ାର ଡ୍ରେସ୍ ବଦଳରେ କଟନ୍ ଡ୍ରେସ୍ ପିନ୍ଧନ୍ତୁ। କାରଣ ସିନ୍ଥେଟିକ୍ ପୋଷାକରେ ଶ୍ରୀଘ୍ର ନିଆଁ ଲାଗିବାର ଆଶଙ୍କା ଥାଏ । ସେହିପରି ଝିଅମାନେ ଅଧିକ ଘେର ଥିବା ଫ୍ରକ୍ ଓ ସ୍କର୍ଟ ନ ପିନ୍ଧିବା ଭଲ ।

**ଜଳୁଥିବା ପଦାର୍ଥ**

ମହମବତି, ଦୀପ କିମ୍ବା ଅନ୍ୟ ଜ୍ୱଳନଶୀଳ ଜିନିଷଠାରୁ ଦୂରେଇ ରୁହନ୍ତୁ। ସେହିପରି ଲିଚୁଲାଇଟ୍‌କୁ ମଧ୍ୟ ଆଦୌ ହାତରେ ଧରିବା ଠିକ୍ ନୁହେଁ, ଏହାଦ୍ୱାରା କରେଣ୍ଟ ଲାଗିପାରେ ।

**ସ୍ୱାସ୍ଥ୍ୟ ଏବଂ ଅନ୍ୟ ସୁରକ୍ଷା:** ମାତାପିତା କିମ୍ବା କୌଣସି ଗୁରୁଜନଙ୍କ ଉପସ୍ଥିତିରେ ବାଣ ଫୁଟାନ୍ତୁ। ବାଣ ଫୁଟାଇବା ସମୟରେ ଜୋତା ପିନ୍ଧନ୍ତୁ। ଛୋଟ ପିଲାମାନେ ବାଣର ଧୂଆଁରେ ଅଣନିଃଶ୍ୱାସୀ ଅନୁଭବ କରିଥାନ୍ତି। ନିଜକୁ ଏଥିରୁ ଦୂରେଇ ରଖିବାକୁ ହେଲେ, ମୁହଁରେ ମାସ୍କ ଲଗାନ୍ତୁ। ଆବଶ୍ୟକ ନ ଥିଲେ ବିଶେଷ କରି ଯେଉଁମାନଙ୍କଠାରେ ଶ୍ୱାସ ଜନିତ ସମସ୍ୟା ରହିଛି ସେମାନେ ଏସମୟରେ ଘରୁ ନ ବାହାରିବା ଭଲ । ବାଣ ଫୁଟାଇବା ପରେ ସାବୁନରେ ହାତ ଧୋଇବା ନିହାତି ଜରୁରୀ ।


**ସାବଧାନତା:** ବାଣ ଫୁଟାଇବା ବେଳେ କିଛି ବାଣ ଅଧାଫୁଟି ରହିଯାଏ। ଆଉ ଏହାକୁ ପୁନର୍ବାର ଫୁଟାଇବାକୁ ଚେଷ୍ଟା କରିଥାନ୍ତି । ହେଲେ ଏଭଳି ପରିସ୍ଥିତରେ ଅନେକ ଦୁର୍ଘଟଣାର ଶୀକାର ହେଉଥିବା ଦେଖିବାକୁ ମିଳିଥାଏ । ତେଣୁ ଅଧାଜଳା ବାଣ ପାଖକୁ ଯାଆନ୍ତୁ ନାହିଁ।

**ଆଖିର ସୁରକ୍ଷା:** ଆଖିରେ କିଛି ପଶିଗଲେ ତାକୁ ମଳନ୍ତୁ ନାହିଁ। ଯଦି ତୁମେମାନେ କଣ୍ଟାକ୍ଟ ଲେନ୍ସ ବ୍ୟବହାର କରୁଛ ତେବେ ଏହି ସମୟରେ ଅତିରିକ୍ତ ସାବଧାନତା ଅବଲମ୍ବନ କରିବା ଜରୁରୀ। ଆଖିକୁ ରଗଡ଼ିବା ଦ୍ୱାରା ସମସ୍ୟା ଅଧିକ ବଢ଼ିଯାଇପାରେ। ଏହାଦ୍ୱାରା ଆଖି ଇନ୍‌ଫେକଶନ ହେବା ଆଶଙ୍କା ରହିଛି। ବାଣରୁ ବାହାରୁଥିବା ଧୂଆଁ ଆଖି ଲାଗି କ୍ଷତିକାରକ ହୋଇପାରେ। ବାଣ ପାଖାପାଖି ରହିବା ଦ୍ୱାରା କିଛି ବି ଦୁର୍ଘଟଣା ଘଟିପାରେ। ଏଥିପାଇଁ ଯଥା ସମ୍ଭବ ଦୂରେଇ ରୁହନ୍ତୁ।

**ଆପାତ୍‌କାଳୀନ ପରିସ୍ଥିତି:** କୌଣସି ଦୁର୍ଘଟଣା ନ ହେବା ଲାଗି ପାଖରେ ପାଣି ବାଲ୍‌ଟି ରଖନ୍ତୁ। ହଠାତ୍ ନିଆଁ ଲାଗିବା ପରିସ୍ଥିତି ଯଦି ଉପୁଜେ ତେବେ ସହାୟତା ଲାଗି କିଛି କଣ୍ଟାକ୍ଟ ନମ୍ବର ଲେଖି ରଖିପାରନ୍ତି କିମ୍ବା ମାତାପିତାଙ୍କ ମୋବାଇଲରେ ନମ୍ବର ସେଭ୍ କରି ରଖନ୍ତୁ।

## ପାଣିରେ କାହିଁକି ଲୋଟାକୋଟା ହୁଏ ହାତ

ପିଲାମାନେ ତୁମେ ଅଧିକ ସମୟ ପାଣିରେ ଗାଧୋଇଲେ ପାପୁଲି ଲୋଟାକୋଟା ହୋଇଯିବା ଲକ୍ଷ୍ୟ କରିଥିବ। ହେଲେ ଏପରି କାହିଁକି ହୁଏ କେବେ ଭାବିଛ ? କାରଣ ପାଣି ସଂସ୍ପର୍ଶରେ ଅଧିକ ସମୟ ରହିବା ଦ୍ୱାରା ହାତ ଚର୍ମର ତଳଭାଗରେ ଥିବା ସ୍ନାୟୁର କାର୍ଯ୍ୟ ଧିର ହୋଇଯାଏ। ଯାହାଦ୍ୱାରା ଉକ୍ତ ସ୍ଥାନରେ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେବା ଦ୍ୱାରା ଚର୍ମର ଭିତର ପରସ୍ତ ଯାକିଯାକି ହୋଇଯିବା ସହ ବାହାର ପରସ୍ତ ଶୁଖିଲା ପରି ମନେହୁଏ। ଯାହା ଫଳରେ ହାତ ଶେଥା ବା ଧଳା ପଡ଼ିଯିବା ପରି ଦୃଶ୍ୟମାନ ହୁଏ। ହେଲେ ଏହା ଏକ ଅସ୍ଥାୟୀ ପ୍ରକ୍ରୀୟା, ଯାହାକି ପାଣିରୁ ବାହାରିବା ପରେ କିଛି ସମୟ ପର୍ଯ୍ୟନ୍ତ ରହିଥାଏ। ହାତରୁ ପାଣି ଶୁଖିଯିବାର କିଛି ସମୟ ପରେ ପୁର୍ନବାର ସାଧାରଣ ଅବସ୍ଥାକୁ ଚାଲିଆସିଥାଏ।





## ସରସ୍ୱତୀ ନଦୀ

ସରସ୍ୱତୀ ନଦୀକୁ ଭାରତର ଏକ ପ୍ରାଚୀନ ଏବଂ ପୌରାଣିକ ନଦୀ ବୋଲି କୁହାଯାଏ। ଧାର୍ମିକ ଗ୍ରନ୍ଥରେ ଏହା ତିନିଲୋକରେ ବହିଯାଉଥିବା ଦିବ୍ୟନଦୀ ବୋଲି ମାନ୍ୟତା ରହିଛି । ଯାହାର ଉଲ୍ଲେଖ ମହାଭାରତ ଏବଂ ପୁରାଣ ଗ୍ରନ୍ଥରେ ହୋଇଛି। ବର୍ତ୍ତମାନ ଏହି ନଦୀ କେଉଁଠାରେ ଦେଖିବାକୁ ମିଳୁନି। ଏହି ନଦୀର ମୂଳ ସ୍ରୋତ ମାନସରୋବର(ତିବ୍ବତ)ରୁ ହୋଇଥିଲା। କେତେକ ଗବେଷଣା ଅନୁଯାୟୀ ଏହାର ବାସ୍ତବିକ ଉତ୍ପତ୍ତି ହିମାଳୟର ଶିବାଲିକ ପାହାଡ଼ରୁ ହୋଇଥିଲା। ଏହା ବାସ୍ତବରେ ହିମାଳୟରୁ ଉତ୍ପତ୍ତି ହୋଇ ପଶ୍ଚିମ ରାଜସ୍ଥାନ, ପଞ୍ଜାବ, ଗୁଜରାଟ ଦେଇ ଆରବ ସାଗରରେ ମିଶୁଥିଲା। ବିଶେଷଜ୍ଞଙ୍କ ମତରେ ଜଳବାୟୁ ପରିବର୍ତ୍ତନ କାରଣରୁ ନଦୀଟି ପ୍ରାୟ ୫୦୦୦ବର୍ଷ ପୂର୍ବେ ବିଲୁପ୍ତ ହୋଇଯିବା ପରି ମନେହୁଏ।

# ଆ ଇ ନା





ଦର୍ଶିନୀ ବିଶ୍ୱାଳ
୪ ବର୍ଷ/ ଭଦ୍ରକ

ବିସ୍ମୃତ ନାୟକ
୪ ବର୍ଷ/ଭୁବନେଶ୍ୱର